






# କ'ଣ ଅଲଗା ହେବେ ଅଭିଷେକ୍-ଐଶ୍ୱର୍ଯ୍ୟା ?

ବଲିଉଡର ଚର୍ଚ୍ଚିତ କପଲ ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ଶୁଣିବାକୁ ମିଳୁଥିଲା ଦୁହିଁଙ୍କ ମଧ୍ୟରେ କିଛି ଠିକ୍ ନାହିଁ । ଏହି ଚର୍ଚ୍ଚା ମଧ୍ୟରେ ଦୁହେଁ ଛାଡ଼ପତ୍ର ନେବେ । ହେଲେ ଏବେ କିଛି ଫଟୋ ସାମ୍ନାକୁ ଆସିଛି । ଯାହାକୁ ଦେଖି ପ୍ରଶଂସକଙ୍କ ହୃଦୟ ଭାଙ୍ଗିଛି । ଅଭିଷେକଙ୍କ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ସେ ନିଜ ଆଙ୍ଗୁଠିରୁ ବିବାହ ସମୟର ମୁଦି ପିନ୍ଧିନଥିବା ଦେଖାଯାଇଛି । ରେଡିଟରେ ଏକ ଭିଡିଓ ସେୟାର କରାଯାଇ ଦାବି କରାଯାଇଛି ଯେ, ଅଭିଷେକ ଆଜି ପର୍ଯ୍ୟନ୍ତ ନିଜ ଆଙ୍ଗୁଠିରେ ବିବାହ ସମୟର ମୁଦି ପିନ୍ଧୁଥିଲେ । ହେଲେ ଏବେ ସେ ମୁଦି ନଜର ଆସୁ ନାହିଁ । ତେବେ ସେ ନିଜ ହାତରୁ ମୁଦିକୁ କାହିଁକି ବାହାର କରିଛନ୍ତି ତାହାକୁ ନେଇ ଜଳ୍ପନାକଳ୍ପନା ଆରମ୍ଭ ହୋଇଛି । ସମସ୍ତେ କହୁଛନ୍ତି କି ପତ୍ନୀ ଐଶ୍ୱର୍ଯ୍ୟାଙ୍କ ସହ ବିବାଦ ଏହା ପଛର କାରଣ ହୋଇପାରେ । ହେଲେ ଏଯାଏ ଉଭୟ କିଛି ବି ମୁହଁ ଖୋଲି କହି ନାହାନ୍ତି । କହିବାକୁ ଗଲେ ନଭେମ୍ବର ୧ ଐଶ୍ୱର୍ଯ୍ୟାଙ୍କ ଜନ୍ମଦିନ ଥିଲେ । ସେ ତାଙ୍କ ମାଆ –ଝିଅ ସହ ସେଲିବ୍ରେସନ୍ କରିଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଜନ୍ମଦିନରେ ଅଭିଷେକ କିମ୍ବା ବଚ୍ଚନ ପରିବାରର କେହି ନଥିଲେ । ଏବଂ ଛାଡ଼ପତ୍ର ଖବରକୁ ନେଇ ଚର୍ଚ୍ଚା ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି । ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଏହା କେତେ ସତ ତାହା ଜାଣିନି, କିନ୍ତୁ ମୁଁ ସବୁବେଳେ ଭାବୁଥିଲି ଯେ ବଚ୍ଚନ ପରିବାରରେ ଛାଡପତ୍ର ଅସମ୍ଭବ । ତାଙ୍କ ପରିବାରଠୁ ଏହା ଆଶା କରାଯାଇନଥିଲା । ଅନ୍ୟ ଜଣେ ଲେଖିଛନ୍ତି, ଯେପର୍ଯ୍ୟନ୍ତ ଅମିତାଭ ବଚ୍ଚନ ବଂଚିଛନ୍ତି, ସେ ପର୍ଯ୍ୟନ୍ତ ଦୁହିଁଙ୍କ ଛାଡ଼ପତ୍ର ହେବାକୁ ଦେବେ ନାହିଁ ।

## ଘୋଡା ଖାଉଛି କାଜୁ, କିସ୍‌ମିସ୍, ପିଉଛି ୪ ଲିଟର କ୍ଷୀର

ବିହାର ସାରଣ ଜିଲ୍ଲାରେ ଲାଗିଛି ଏସିଆର ସର୍ବବୃହତ ପଶୁ ମେଳା । ଯେଉଁଠିକି ଆସିଛନ୍ତି ଅନେକ ପ୍ରକାରର ପଶୁ । ଉଡିକି ଭଳି ପଶୁଙ୍କ ମେଳା ଲାଗିଛି ଏଠାରେ । ତେବେ ଏହି ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ୧୦ ଲକ୍ଷର ଘୋଡା । ଖାଲି ସେତିକି ନୁହେଁ ଏହି ଘୋଡାର ଦାମ୍ ରହିଛି ୧୦ ଲକ୍ଷ । ଘୋଡା ମାଲିକଙ୍କ କହିବା କଥା ଘୋଡା ପାଳନ ସବୁ ଲୋକଙ୍କ ପକ୍ଷେ ସମ୍ଭବ ନଥାଏ । କିଛି ଲୋକ ସଉକ ପାଇଁ ପାଳିଥାନ୍ତି ଘୋଡା । ଆଉ କିଛି ବେପାର ପାଇଁ ରଖିଥାନ୍ତି ଘୋଡା । ତେବେ ମାର୍କେଟକୁ ଆସିଥିବା ଘୋଡାର ରହିଛି ଅନେକ ଖାସିୟତ । ଘୋଡାର ଖାସିୟତ ହେଉଛି



ଏମିତି ସେମିତି ଘୋଡା ନୁହେଁ । କି ସାଧାରଣ ଖାଦ୍ୟ ବି ଖାଏନି । ଘୋଡାର ନିୟମିତ ଖାଦ୍ୟ ହେଉଛି କାଜୁ, କିସ୍‌ମିସ୍ ସହ ଡ୍ରାଏ ଫ୍ରୁଟ୍ସ । ଖାଲି ସେତିକି ନୁହେଁ ସାଙ୍ଗେ ସାଙ୍ଗେ ୪ ଲିଟର କ୍ଷୀର ବି ପିଏ । ଖାସ୍ ସେଥିପାଇଁ ଏହାର ଦାମ୍ ଅଧିକ ।

# ଫିଲ୍ମ ଇଣ୍ଡଷ୍ଟ୍ରିକୁ ବାଏ ବାଏ କରିବେ ଇଲିଆନା !



ଅଭିନେତ୍ରୀ ଇଲିଆନା ଡି'କ୍ରୁଜ ଦୀର୍ଘ ଦିନ ଧରି ଚଳଚ୍ଚିତ୍ର ଜଗତରୁ ଦୂରେଇ ରହିଛନ୍ତି । ବର୍ତ୍ତମାନ ଅଭିନେତ୍ରୀ ତାଙ୍କ ମାତୃତ୍ୱକୁ ଉପଭୋଗ କରୁଛନ୍ତି । ହେଲେ ତାଙ୍କ ପ୍ରଶଂସକମାନେ ଚଳଚ୍ଚିତ୍ରରେ ତାଙ୍କର କମ୍‌ବ୍ୟାକ୍‌କୁ ଅପେକ୍ଷା କରିଛନ୍ତି । ଏହି ସମୟରେ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ ଖବର ସାମ୍ନାକୁ ଆସିଛି । ଯାହା ସେମାନଙ୍କୁ ନିରାଶ କରିପାରେ । କୁହାଯାଉଛି ଅଭିନେତ୍ରୀ ତାଙ୍କ ଚଳଚ୍ଚିତ୍ର କ୍ୟାରିୟରକୁ ଅଲବିଦା କହିବାକୁ ଯାଉଛନ୍ତି । କୁହାଯାଉଛି ସେ ଖୁବଶୀଘ୍ର ନିଜ ପରିବାର ସହିତ ଆମେରିକା ପଳାଇବେ । ହେଲେ ଏ ସମ୍ପର୍କରେ ଅଭିନେତ୍ରୀଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ । ଆମେରିକା ଗଣମାଧ୍ୟମ ଅନୁଯାୟୀ ଇଲିଆନା ତାଙ୍କ ସ୍ୱାମୀ ମାଇକେଲ ଏବଂ ପୁଅ କୋଆଙ୍କ ସହ ଆମେରିକାକୁ ଶିଫ୍ଟ ହୋଇଯିବେ । କୁହାଯାଉଛି ଅଭିନେତ୍ରୀ ତାଙ୍କ ଚଳଚ୍ଚିତ୍ର କ୍ୟାରିୟରରୁ ବିଦାୟ ନେବାକୁ ଯାଉଛନ୍ତି । କହିବାକୁ ଗଲେ ଇଲିଆନା ଡି'କ୍ରୁଜ ଦୀର୍ଘ ଦିନ ଧରି ଚଳଚ୍ଚିତ୍ରଠାରୁ ଦୂରରେ ଅଛନ୍ତି । ଅଭିନେତ୍ରୀ ବିବାହ ପୂର୍ବରୁ ଗର୍ଭବତୀ ହୋଇଥିଲେ । ଚଳିତ ବର୍ଷ ଅଗଷ୍ଟରେ ମା' ହୋଇଥିଲେ । ଏବେ ସେ କୌଣସି ଫିଲ୍ମ ଅଫର ଗ୍ରହଣ କରୁନାହାନ୍ତି କାରଣ ସେ ଆମେରିକା ଯିବାକୁ ଯୋଜନା କରୁଛନ୍ତି । ଇଲିଆନା ବର୍ତ୍ତମାନ

# ରଣଦୀପଙ୍କ ବିବାହ ପାର୍ଟିରେ ଯୋଗଦେବେ ବହୁ ବଡ ତାରକା



ବଲିଉଡ ଅଭିନେତା ରଣଦୀପ ହୁଡ୍ଡା ନିକଟରେ ସେ ତାଙ୍କ ଦୀର୍ଘଦିନର ଗର୍ଲଫ୍ରେଣ୍ଡ ଲିନ ଲ୍ୟାଶରାମଙ୍କୁ ବିବାହ କରିଥିଲେ । ତାଙ୍କ ବିବାହରେ କେବଳ ପରିବାର ସଦସ୍ୟ ସାମିଲ୍ ହୋଇଥିଲେ । ବର୍ତ୍ତମାନ କପଲଙ୍କ ବିବାହ ରିସେପସନ ବିଷୟରେ ଲାଟେଷ୍ଟ ଖବର ସାମ୍ନାକୁ ଆସିଛି । ଅଭିନେତା ବିବାହ ପରେ ମୁମ୍ବାଇରେ ଏକ ଗ୍ରାଣ୍ଡ ରିସେପସନ ପାର୍ଟି ଦେବାକୁ ଯାଉଛନ୍ତି । ୧୧ ଡିସେମ୍ବରରେ ଅଭିନେତାଙ୍କ ବିବାହ ରିସେପସନ ଅନୁଷ୍ଠିତ ହେବ । ସେହି ପାର୍ଟିରେ ଇଣ୍ଡଷ୍ଟ୍ରିର ବଡ ତାରକା ଏଥିରେ ସାମିଲ୍ ହେବେ । ଏହି ବଲିଉଡ ତାରକା ମଣିପୁରରେ ବିବାହ ପରେ ଏକ ପାର୍ଟିର ଆୟୋଜନ କରିଥିଲେ । ସୋସିଆଲ ମିଡିଆରେ ଏହାର ଫଟୋ ମଧ୍ୟ ସେୟାର କରିଥିଲେ । ରଣଦୀପ ଏବଂ ଲିନ ଏକାଠି କେକ କାଟୁଥିବାର ଦେଖିବାକୁ ମିଳିଥିଲା । ଏବେ ଏହି ଦମ୍ପତି ମୁମ୍ବାଇରେ ହେବାକୁ ଥିବା ବିବାହ ରିସେପସନ ପାଇଁ ପ୍ରସ୍ତୁତି କରୁଛନ୍ତି । ହେଲେ ରିସେପସନ କେଉଁଠାରେ ହେବ ତାହାର ଭେନ୍ୟୁ ଏପର୍ଯ୍ୟନ୍ତ ଜଣାପଡିନାହିଁ । ଖବର ଅନୁଯାୟୀ, ରଣଦୀପ ଏବଂ ଲିନ୍ ସେମାନଙ୍କର ସମସ୍ତ ଚଳଚ୍ଚିତ୍ର ବନ୍ଧୁଙ୍କୁ ବଲିଉଡରେ ନିମନ୍ତ୍ରଣ କରିବାକୁ ଚାହୁଁଛନ୍ତି । ଉଭୟ ଦୀର୍ଘ ଦିନ ଧରି ବଲିଉଡର ଏକ ଅଂଶ ହୋଇ ସଲମାନ ଖାନଙ୍କ ଠାରୁ ଆରମ୍ଭ କରି ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା ପର୍ଯ୍ୟନ୍ତ ସମସ୍ତଙ୍କ ସହ କାମ କରିଛନ୍ତି । ଏଭଳି ପରିସ୍ଥିତିରେ ଦମ୍ପତି ସମସ୍ତଙ୍କୁ ନିମନ୍ତ୍ରଣ କାର୍ଡ ପଠାଉଛନ୍ତି । କୁହାଯାଉଛି କି ସଲମାନ ଖାନ, ଇମ୍ରାନ ହାସମି, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ପ୍ରିୟଙ୍କା ଚୋପ୍ରା, ବିଜୟ ବର୍ମା, ତମନ୍ନା ଭାଟିଆଙ୍କ ପରି ଅଭିନେତାମାନେ ନିଶ୍ଚିତ ଭାବରେ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ । ପୋଷାକ ବିଷୟରେ କହିବାକୁ ଗଲେ ଲିନ ଏବଂ ରଣଦୀପ ନିଜ ବିବାହ ପରି ରିସେପସନରେ ବି ପାରମ୍ପରିକ ମଣିପୁରୀ ପୋଷାକ ପିନ୍ଧିବାକୁ ଯାଉଛନ୍ତି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday September 6 ଭୁବନେଶ୍ୱର ଶନିବାର, ୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କୁଜଙ୍ଗଙ୍କୁ ଏନଏସି ଘୋଷଣା ଦାବୀ ନେଇ ଆନ୍ଦୋଳନ ସ୍ଥଗିତ ରହିଲା : ଦାବୀ ପ୍ରତି ସମର୍ଥନ ଜଣାଇଲେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ,(ପି.ଏନ): କୁଜଙ୍ଗଙ୍କୁ ଏନଏସି କରିବା ନେଇ ଦୀର୍ଘଦିନ ହେବ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଦାବୀ କରିଆସୁଥିଲା । ତେବେ ଦାବୀ ପୂରଣରେ ଅହେତୁକ ବିଳମ୍ବ ଘଟିବାରୁ ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ମଞ୍ଚ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା । ତେବେ ପାରାଦୀପ ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ହସ୍ତକ୍ଷେପ ଫଳରେ ପାରାଦୀପ ନିଉ ସର୍କିଟ ହାଉସ ଠାରେ କୁଜଙ୍ଗ ନାଗରିକ ମଞ୍ଚର ଆବାହକ ରଘୁନାଥ ସାହୁ, ଉପଦେଷ୍ଟା ପିତାମ୍ବର ତରାଇ ଙ୍କ ସମେତ ମଞ୍ଚର ବହୁ କର୍ମକର୍ତ୍ତା ଓ ସଦସ୍ୟ ଏକ ସକରାତ୍ମକ ଆଲୋଚନା ରେ କୁଜଙ୍ଗ ବନ୍ଦ ଡାକରା କୁ ସ୍ଥଗିତ ଘୋଷଣା କରିଛନ୍ତି । ତେବେ ଏ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ । ତେବେ କୁଜଙ୍ଗ ନାଗରିକ ମଞ୍ଚ ର ଆବାହକ ରଘୁନାଥ ସାହୁ ଓ ଉପଦେଷ୍ଟା ପିତାମ୍ବର ତରାଇ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ମାଟିର ପୁଅ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ନିଶ୍ଚିତ ଏ ଦାବୀ କୁ ପୂରଣ କରିବେ ବୋଲି ଦୃଢ଼ ନିଶ୍ଚିତ ହେଲାପରେ ଏହି ଆନ୍ଦୋଳନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଗଲା ।

## ଓ.ପି. ଜିନ୍ଦଲ ସ୍କୁଲ୍, ଅନୁଗୁଳରେ ଗୁରୁ ଦିବସ ପାଳିତ



ଅନୁଗୁଳ, (ପି.ଏନ) ଜିନ୍ଦଲ ନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ୍ ପରିସରରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଅତି ଉତ୍ସାହର ସହିତ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ଦାମୋଦର ମିତ୍ତଲ ଯୋଗ ଦେଇଥିବା ବେଳେ କର୍ଣ୍ଣ ?ଲ ସୁଦୀପ ମାଜୀ, ଭାଇସ ପ୍ରେସିଡେଣ୍ଟ (ପ୍ରଶାସନ), ଜିନ୍ଦଲ ଷ୍ଟିଲ, ଅନୁଗୁଳ, କର୍ଣ୍ଣେଲ ମାନସ ଖାଡଙ୍ଗା, ଜେନେରାଲ ମ୍ୟାନେଜର, (ପ୍ରଶାସନ), ଜିନ୍ଦଲ ଷ୍ଟିଲ, ଅନୁଗୁଳ, ଶ୍ରୀମତୀ ସୀମା ମଲହାନ, ସଭାପତି, ଜିନ୍ଦଲ ମହିଳା ସମିତି ଏବଂ ଶ୍ରୀମତୀ ଅନୀତା ମିତ୍ତଲ, ସଭାପତି, ଜିନ୍ଦଲ ମହିଳା ସମିତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିବା ସହ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଆଦର୍ଶ ଶିକ୍ଷକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ମଧ୍ୟ ନୃତ୍ୟ ମାଧ୍ୟମରେ ସେମାନଙ୍କର କଳାତ୍ମକ ଅଭିଜ୍ଞାକୁ ବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ଅତିଥିମାନେ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦାମୋଦର ମିତ୍ତଲ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ ବିଶାଳ ଦାୟିତ୍ୱକୁ ମନେ ପକାଇବା ସହ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଉତ୍ତମ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ । ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଶିକ୍ଷକ ସମାଜକୁ ଛାତ୍ରଛାତ୍ରୀମାନଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଶ୍ରୀ ମିତ୍ତଲ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ପରିଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ପୃଷ୍ଠପୋଷକତାରେ ଓ.ପି. ଜିନ୍ଦଲ ସ୍କୁଲ୍ ବିଶ୍ୱସ୍ତରୀୟ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସର୍ବଦା ପ୍ରତିବଦ୍ଧ ରହି ଆସିଛି ।

## ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ



ଜଗତସିଂହପୁର,(ପି ଏନ) : ଆଜି ପୂର୍ବାହ୍ନ ରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୧ ଜଣ ମାଧ୍ୟମିକ ଶିକ୍ଷକ, ୮ ଜଣ ପ୍ରାଥମିକ ଶିକ୍ଷକ ଓ ଜଣେ ସି. ଆର୍. ସି.ସି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ସମ୍ମାନନୀୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ସୁଶାନ୍ତ ମହାନ୍ତି, ଜଗତସିଂହପୁର ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ପତି, ବାଲିକୁଦା ବ୍ଲକ୍ ଶିକ୍ଷାଧିକାରୀ ବିସମ୍ବର୍ ମଲ୍ଲିକ, ନାଉଗାଁ ବ୍ଲକ୍ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତ, ବିରିଡ଼ି ବ୍ଲକ୍ ଶିକ୍ଷାଧିକାରୀ ମିହିର କୁମାର ପାଲ୍, ଡାଏଟ୍, ଜଗତସିଂହପୁରର ପ୍ରଧାପକ ଜ୍ୟୋସ୍ନା ରାଣୀ ଦାସ ଯୋଗଦାନକରି ଶିକ୍ଷକ ମାନଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପଦରଜ ଉମା କାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ ଲକ୍ଷ୍ମୀ ଦାସ, ସସ୍ମିତା ଶତପଥୀ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସୁମିତ୍ରା ମଲ୍ଲିକ, ତୃପ୍ତି ଦାସ, ନରେନ୍ଦ୍ର ବେହେରା ଇତ୍ୟାଦି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ

ପାରାଦୀପ,(ପି.ଏନ): ଜାତୀୟ ଚକ୍ଷୁ ଦାନ ପକ୍ଷ ୨୦୨୫ ଅବସରରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ବନ୍ଦର ସ୍ୱାସ୍ଥ୍ୟ ସଙ୍ଗଠନ (ପିଏଚ୍‌ଓ), ପାରାଦୀପ ଓ କଟକ ନୂଆବଜାର ପୋତାପୋଖରୀ ସ୍ଥିତ ମିଶ୍ର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ସେପ୍ଟେମ୍ବର ୪ ତାରିଖ ଗୁରୁବାର ଦିନ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଓ ଚକ୍ଷୁ ଦାନର ମହତ୍ତ୍ୱକୁ ଆଧାରଣରେ ପ୍ରସାର କରିବା। ଏହି ନିଶୁଳ୍କ ଚକ୍ଷୁ ଶିବିରଟି ପାରାଦୀପର ନେହରୁ ବଙ୍ଗଳା କଲୋନୀ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଦିବା ୯.୦୦ ଘଟିକା ଠାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୩୦ ରୁ ୫୦ ଜଣ ସ୍ଥାନୀୟ ନିବାସୀ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ଚକ୍ଷୁ ପରୀକ୍ଷା, ଦୃଷ୍ଟି ପରୀକ୍ଷା,ମୋତିଆବିନ୍ଦୁ ଅସ୍ୱ ?ପଚ୍ ।ର, ଡାଇବେଟିକ ରେଟିନୋପାଥି,କଣ୍ଟାକ୍ଟ ଲେନ୍ସ ସୁବିଧା,ବିଭିନ୍ନ ପ୍ରକାର ଚକ୍ଷୁ ରୋଗର ନିରାକରଣ ଇତ୍ୟାଦି କରାଯାଇଥିଲା କ୍ଷ ତେବେ ଏହି ଶିବିରର ସଫଳତା ପାଇଁ ବନ୍ଦର ସ୍ୱାସ୍ଥ୍ୟ ସଙ୍ଗଠନ ମିଶ୍ର ଚକ୍ଷୁ ଚିକିତ୍ସାଳୟ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନଙ୍କ ସମର୍ପିତ ସେବା ଓ ସକ୍ରିୟ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଛି ।

## ଓଡିଶାରେ ଭୁଶୁଡି ପଡ଼ିଛି ଶିକ୍ଷା ବ୍ୟବସ୍ଥା : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଶିକ୍ଷକରୁ ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ବାବୁ ଦୃଷ୍ଟି ଦେବାକୁ କଂଗ୍ରେସର ଦାବି




ଭୁବନେଶ୍ୱର, (ପି.ଏନ): ନିକଟରେ ଶିକ୍ଷା ମନ୍ତ୍ରାଳୟ ପ୍ରକାଶ କରିଥିବା ୟୁ.ଡି.ଆଇ.ଏସ.ଇ ପ୍ଲସ ୨୦୨୪ – ୨୫ ରିପୋର୍ଟ ଓଡ଼ିଶାର ସ୍କୁଲ ଶିକ୍ଷାର ଦୟନୀୟ ଚିତ୍ରକୁ ସ୍ପଷ୍ଟ କରିଦେଇଛି। ଏହା ମାତ୍ର ଏକ ଶିକ୍ଷା ସଙ୍କଟ ନୁହେଁ, ଏହା ସମଗ୍ର ସମାଜ ପାଇଁ ଏକ ଗମ୍ଭୀର ସଙ୍କ ?ଟ। ଆଜି ଗୁରୁ ଦିବସ ଅବସରରେ ଓଡ଼ିଶାର ବିକଳ ଶିକ୍ଷା ବ୍ୟବସ୍ଥାକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ୍ ଉପାଧ୍ୟକ୍ଷ ଅମିୟ ପାଣ୍ଡବ କହିଥିଲେ , ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଧସିପଡୁଛି। ମୁଖ୍ୟମନ୍ତ୍ରୀ ସମ୍ପାଦକୀୟ ଲେଖି ଭଲ ଶିକ୍ଷାର ପ୍ରୟୋଜନୀୟତାର କଥା କହୁଛନ୍ତି, କିନ୍ତୁ ସତ୍ୟ ବାସ୍ତବତା ଠାରୁ ବହୁ ଦୂରରେ। ଭାରତର ଶିକ୍ଷାମନ୍ତ୍ରୀ ଓଡ଼ିଶାର ପୁଅ ହୋଇଥିଲେ ମଧ୍ୟ ନିଜ ରାଜ୍ୟର ପିଲାମାନଙ୍କ ଶିକ୍ଷା ସଙ୍କଟକୁ ବୁଝିପାରୁନାହାନ୍ତି। ଦୁଃଖର ବିଷୟ, ଭାରତର ୧୦୦ ଶିକ୍ଷା ସଂସ୍ଥାନ ତାଲିକାରେ ଓଡ଼ିଶାର ଗୋଟିଏ ସରକାରୀ ସଂସ୍ଥା ମଧ୍ୟ ନାହିଁ। କଂଗ୍ରେସ ପ୍ରବକ୍ତା ଡ. ମନିଷା ଦାସ ପଟ୍ଟନାୟକ କହିଛନ୍ତି ଯେ, ମାତ୍ର ଗୋଟିଏ ବର୍ଷରେ ଓଡ଼ିଶା ଏକ ଲକ୍ଷ ବାରହଜାର ଆଠ ଶହ ଅଠାବନ(୧,୧୨,୮୫୮) ଛାତ୍ରଛାତ୍ରୀଙ୍କୁ ହରାଇଛି ଏବଂ ୧୨୮ଟି ସ୍କୁଲ ବନ୍ଦ ହୋଇଯାଇଛି। ଲକ୍ଷ ଲକ୍ଷ ଗରିବ, ଆଦିବାସୀ ଓ ଦଳିତ ପିଲାମାନଙ୍କ ପାଇଁ ଯେଉଁ ଶିକ୍ଷା ସବୁଠାରୁ ବଡ଼ ପ୍ରାଥମିକତା ହେବା ଉଚିତ, ସେଠାରେ ସରକାରୀ ଅବହେଳା ପାଇଁ ସ୍କୁଲଗୁଡ଼ିକ ବନ୍ଦ ହେଉଛି ଏବଂ ପିଲାମାନେ ପାଠପଢ଼ା ଛାଡୁଛନ୍ତି। ସେ କହିଥିଲେ, ସରକାର ଶିକ୍ଷକ ସଂଖ୍ୟା ବୃଦ୍ଧି ନେଇ ଗର୍ବ କରୁଥିବାବେଳେ ଆଜିବି ୧୦୮୯ରୁ ଅଧିକ ସ୍କୁଲ କେବଳ ଜଣେ ମାତ୍ର ଶିକ୍ଷକ ଉପରେ ନିର୍ଭରଶୀଳ, କିଛି ସ୍କୁଲରେ ଆଗୋ ଶିକ୍ଷକ ମଧ୍ୟ ନାହାନ୍ତି। ଏହା ଶିକ୍ଷା ଅଧିକାର ଆଇନର ସ୍ପଷ୍ଟ ଉଲ୍ଲଂଘନ। ଅଭିଭାବକମାନେ ସରକାରୀ ସ୍କୁଲରୁ ଭରସା ହରାଇ ୫୭% ପିଲାଙ୍କୁ ଘରୋଇ ଟ୍ୟୁସନ୍ ?ରେ ପଠାଇବାକୁ ବାଧ୍ୟ ହୋଇଛନ୍ତି। ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାର ପ୍ରତିବର୍ଷ ହାରାହାରି ୩୫୪୭ ଟଙ୍କା ଏବଂ ସହରାଞ୍ଚଳରେ ୧୦୮୯୯ ଟଙ୍କା ଟ୍ୟୁସନ ପାଇଁ ଖର୍ଚ୍ଚ କରୁଛନ୍ତି, ଯାହା ଗରିବ ପରିବାର ପାଇଁ ଏକ ଭୟାବହ ବୋଝ ।ଡ. ପଟ୍ଟନାୟକ ଆହୁରି କହିଛନ୍ତି, ଡିଜିଟାଲ୍ ଶିକ୍ଷା ଉପରେ ସରକାରୀ ଘୋଷଣାର ଧାରାବାହିକତା ଥିଲେମଧ୍ୟ ସତ୍ୟ ଅତ୍ୟନ୍ତ ଦୁଃଖଦ। କେବଳ ୧୬% ସରକାରୀ ସ୍କୁଲରେ କମ୍ପ୍ୟୁଟର ଅଛି, ୧୫% ସ୍କୁଲରେ ଡିଜିଟାଲ୍ ଲାଇବ୍ରେରୀ, ଏବଂ ୩୩% ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍। ଦିଲ୍ଲୀ, କେରଳ, ଗୁଜରାଟ ଭଳି ରାଜ୍ୟ ସହିତ ତୁଳନା କଲେ ଓଡ଼ିଶା ବହୁତ ପଛରେ। ମଧ୍ୟାହ୍ନ ଭୋଜନ, ଯାହା କେବେ ଗରିବ ପିଲାଙ୍କ ପାଇଁ ଦିନର ଏକମାତ୍ର ପୁଷ୍ଟିକର ଖାଦ୍ୟ ଥିଲା, ସେଥିରେ ମଧ୍ୟ ଅନିୟମିତତା, ନିମ୍ନମାନ ଏବଂ ଦୁର୍ନୀତି ଦେଖାଯାଉଛି। ଏଥିପାଇଁ ଅନେକ ପିଲା, ବିଶେଷକରି ଝିଅମାନେ, ପାଠପଢ଼ା ଛାଡୁଛନ୍ତି ।ସେ କହିଛନ୍ତି, ଆଜିବି ପ୍ରାୟ ୧୭୦୦ ସ୍କୁଲରେ ପୁଅମାନଙ୍କ ପାଇଁ, ୭୦୦ ସ୍କୁଲରେ ଝିଅମାନଙ୍କ ପାଇଁ ଶୌଚାଳୟ ନାହିଁ, ୧୬୦୦ରୁ ଅଧିକ ସ୍କୁଲରେ ବିଦ୍ୟୁତ୍ ନାହିଁ। ଏହା ମୌଳିକ ସମ୍ମାନର ହନନ। ସବୁଠାରୁ ଦୁଃଖଦ, ୨୦୧୯–୨୦ରେ ଶିକ୍ଷା ପାଇଁ ବଜେଟ୍ ୧୪.୪% ଥିଲା, ୨୦୨୪–୨୫ରେ ତାହା ୧୦.୬% କୁ ହ୍ରାସ ପାଇଛି। ଏହାର ଅର୍ଥ, ଓଡ଼ିଶା ସରକାରଙ୍କ ପାଇଁ ଶିକ୍ଷା କେବେବି ପ୍ରାଥମିକତା ନୁହେଁ। ଆଦିବାସୀ ପିଲାଙ୍କୁ ଉଚ୍ଚମାନର ଶିକ୍ଷାଦେବା ପାଇଁ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୨୦୧୫-୧୬ ରେ ଆରମ୍ଭ ହେଇଥିବା ଅନ୍ୱେଷା ଯୋଜନା ସରକାର୍ ବନ୍ଦ୍ କରିଦେବାକୁ ଚକ୍ରାନ୍ତ ଚଳାଇଛନ୍ତି। ଏପରିକି ପାଞ୍ଚ ମାସ ହେଲାଣି ଅନ୍ୱେଷା ଅନୁଦାନ ମଧ୍ୟ ଯୋଗାଇ ଦିଆ ଯାଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।। ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ମଧ୍ୟ ପିଲାଙ୍କ ମୌଳିକ ଆବଶ୍ୟକତା ଯଥା ଖେଳନା ସାମଗ୍ରୀ ନଥିବା ରାଜ୍ୟ ଶିଶୁ ବିକାଶ ବିଭାଗର ତଥ୍ୟକୁ ମଧ୍ୟ ଡ. ପଟ୍ଟନାୟକ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଥିଲେ ।ପ୍ରବକ୍ତା ଜଗଦାନନ୍ଦ ପ୍ରଧାନ ମଧ୍ୟ କହିଛନ୍ତି, ଏନ.ସି.ଇ.ଆର.ଟି (ଘଉରଜଞ୍ଜ) ପୁସ୍ତକକୁ ମନମୁତାବକ ବଦଳାଯାଉଛି। ପ୍ରକୃତ ଇତିହାସକୁ ବିକୃତ କରାଯାଉଛି ଏବଂ ପିଲାଙ୍କ ମଧ୍ୟରେ ସାମ୍ପ୍ରଦାୟିକତା ପ୍ରସାରଣର ମାଧ୍ୟମ କରାଯାଉଛି। ଏହା ଦେଶର ଶିକ୍ଷାକୁ ବିକୃତ କରିବାର ଏକ ଅପଚେଷ୍ଟା। କଂଗ୍ରେସର ସ୍ପଷ୍ଟ ମତ ହେଉଛି ଯେ, ଶିକ୍ଷା କୌଣସି ଦାନ ନୁହେଁ ଏହା ଏକ ମୌଳିକ ଅଧିକାର। ଓଡ଼ିଶାର ପିଲାମାନଙ୍କ ଭବିଷ୍ୟତକୁ ସରକାରୀ ଅବହେଳାରେ ବନ୍ଧକ ହେବାକୁ ଦିଆଯିବ ନାହିଁ ବୋଲି ଶ୍ରୀ ପ୍ରଧାନ ଚେତେଇ ଦେଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray